# NATIONAL NEWS BULLETIN (ODIA)

## 16 June 2026

## Midday Bulletin : 1.50 P.M.

**************************************

## ମୁଖ୍ୟ ସମ୍ବାଦ

- ଦୁଇଦେଶ ଗସ୍ତର ତୃତୀୟ ପର୍ଯ୍ୟାୟରେ ଆଜି ଫ୍ରାନ୍ସରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ।

- କ୍ରମାଗତ ଭାବେ ସପ୍ତମ ଥର ପାଇଁ ଜି-୭ ସମ୍ମିଳନୀରେ ଯୋଗଦେବେ ।

- ପ୍ରଧାନମନ୍ତ୍ରୀଙ୍କ ସ୍ଲୋଭାକିଆ ଗସ୍ତ ଉଭୟ ଦେଶ ମଧ୍ୟରେ ଦୃଢ଼ ବାଣିଜ୍ୟିକ ସମ୍ପର୍କ ସ୍ଥାପନ ସହ ଯୁବପିଢ଼ୀ ପାଇଁ ଲାଭପ୍ରଦ ହେବା ସୂଚନା ।
- ନିଟ୍-ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ପୂର୍ବରୁ ସାମାଜିକ ଗଣମାଧ୍ୟମ ଟେଲିଗ୍ରାମ ଉପରେ ପ୍ରତିବନ୍ଧକ ଜାରି କଲେ କେନ୍ଦ୍ର ସରକାର ।
- ଗଣତାନ୍ତ୍ରିକ ପ୍ରକ୍ରିୟାରେ ନାଗରିକମାନଙ୍କ ବୃହତ୍ତର ଯୋଗଦାନ ଉପରେ ଗୁରୁତ୍ୱାରୋପ କଲେ ବାଚସ୍ପତି ଓମ୍ ବିର୍ଲା ।

ଏବଂ

- ଏଫ୍ଆଇଏଚ୍ ହକି ପ୍ରତିଯୋଗିତାରେ ସେମିଫାଇନାଲରେ ପ୍ରବେଶ କଲା ଭାରତୀୟ ମହିଳା ହକି ଦଳ ।

# ଡେ ପିଏମ୍ ଜି-୭ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଦୁଇ ଦେଶ ଗସ୍ତର ତୃତୀୟ ପର୍ଯ୍ୟାୟରେ ଆଜି ଫ୍ରାନ୍ସର ଏଭିଆନ୍‌ରେ ପହଞ୍ଚିବା ପରେ G7 ସମ୍ମିଳନୀରେ ଅଂଶଗ୍ରହଣ କରିବେ। ଆଜି ସ୍ଲୋଭାକିଆ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଫ୍ରାନ୍ସ ଯାତ୍ରା କରିଛନ୍ତି । ଗତକାଲିଠାରୁ ଆରମ୍ଭ ହୋଇଥିବା ଜି-୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଏହା କ୍ରମାଗତଭାବେ ସପ୍ତମଥର ପାଇଁ ଯୋଗଦାନ ହେବ ଏବଂ ଭାରତର ତ୍ରୟୋଦଶ ଅଂଶଗ୍ରହଣ ହେବ । ଜି-୭ ସମ୍ମିଳନୀ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମିଳନୀରେ ଗ୍ଲୋବାଲ ସାଉଥ୍‌ର ପ୍ରମୁଖ ସ୍ୱର ଭାବେ ପ୍ରତିନିଧିତ୍ୱ କରିବେ ।

ଫ୍ରାନ୍ସରେ ପହଞ୍ଚିବା ପରେ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଔପଚାରିକ ଭାବେ ଆଜି ସଂଧ୍ୟାରେ ସ୍ୱାଗତ କରିବେ। ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ ଏକ ଉଚ୍ଚସ୍ତରୀୟ ଅଧିବେଶନରେ ଯୋଗଦେବେ । ଏହି ସମ୍ମିଳନୀ କାଳରେ କାନାଡ଼ା ଓ ଯୁକ୍ତରାଷ୍ଟ୍ରର ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟ ବିଶ୍ୱ ନେତୃବୃନ୍ଦଙ୍କ ସହ ଶ୍ରୀ ମୋଦୀ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

# ପିଏମ୍-ପ୍ୟାରିସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପ୍ୟାରିସ୍‌ରେ ପହଞ୍ଚିବାର ସମ୍ଭାବନା ରହିଛି । ଫ୍ରାନ୍ସ ଗସ୍ତର ଅଂଶବିଶେଷ ଭାବରେ ଗୁରୁବାର ସକାଳେ ପ୍ରଧାନମନ୍ତ୍ରୀ ସେଠାକାର ପ୍ରମୁଖ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ପରେ ପ୍ରଧାନମନ୍ତ୍ରୀ ଭାଇବାଟେକ୍ ସମ୍ମିଳନୀରେ ଯୋଗଦେବେ ।  ସେହିଦିନ ସଂଧ୍ୟାରେ ଶ୍ରୀ ମୋଦୀ ସେଠାରେ ରହୁଥିବା ଭାରତୀୟ ଅଧିବାସୀଙ୍କ ସହ ବାର୍ତ୍ତାଳାପ କରିବେ । କାର୍ଯ୍ୟକ୍ରମରେ ଭାରତର ସମୃଦ୍ଧ ଐତିହ୍ୟ ସମ୍ପର୍କିତ ସାଂସ୍କୃତିକ ପ୍ରଦର୍ଶନୀ ଅନୁଷ୍ଠିତ ହେବ ।

# ଏସ୍‌ସି-ଆଧାର

ଆଧାର ଏକକ ପରିଚୟପତ୍ରର ଅପବ୍ୟବହାର ନେଇ ଆଗତ ଆବେଦନର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ନାଗରିକତା, ଆବାସିକ ଠିକଣା ଏବଂ ବାସସ୍ଥାନ କ୍ଷେତ୍ରରେ ଆଧାର ପରିଚୟପତ୍ର ବ୍ୟବହାର ଉପରେ କଟକଣା ଜାରି କରିବା ସହ ଏହାକୁ କେବଳ ଚିହ୍ନଟ ପ୍ରାମାଣିକରଣ ପାଇଁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେବାକୁ ଆଗତ

ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଜବାବ ଦାଖଲ ଲାଗି କେନ୍ଦ୍ର ସରକାର ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ୍-ସ୍ଲୋଭାକିଆ କନ୍‌କ୍ଲୁଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସ୍ଲୋଭାକିଆକୁ ତାଙ୍କ ଗସ୍ତ ସଫଳ ହୋଇଛି ଏବଂ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆଗାମୀ ଦିନରେ ଆହୁରି ଦୃଢ଼ ହେବ । ସ୍ଲୋଭାକିଆ ଗସ୍ତ ଶେଷ କରିବା ପରେ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ଯେ ଉଭୟ ଦେଶ ମଧ୍ୟରେ ଦୃଢ଼ ବାଣିଜ୍ୟିକ ସମ୍ପର୍କ ଯୁବପିଢ଼ୀ ପାଇଁ ଲାଭପ୍ରଦ ହେବ । ସ୍ଲୋଭାକିଆ ପ୍ରତିପକ୍ଷ ରବର୍ଟ ଫିକୋ, ସେଠାକାର ସରକାର ଓ ଜନସାଧାରଣଙ୍କୁ ଆତିଥ୍ୟତା ପାଇଁ ଶ୍ରୀ ମୋଦୀ ଧନ୍ୟବାଦ ଦେଇଛନ୍ତି ।

ଭାରତ-ସ୍ଲୋଭାକିଆ ଭାଗିଦାରିତାରେ ସ୍ଲୋଭାକିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ସିବି ଜର୍ଜ୍ କହିଛନ୍ତି । ସ୍ଲୋଭାକିଆ ରାଜଧାନୀ ବ୍ରାଟିସ୍ଲାଭାଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ସେ କହିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ କାଳରେ ଉଭୟଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ର ପ୍ରତିରକ୍ଷା ଉତ୍ପାଦନ, ବାଣିଜ୍ୟ ଓ ପୁଞ୍ଜିନିବେଶ ତଥା ଜ୍ଞାନ ଆଦାନ ପ୍ରଦାନ ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରିବ । ସେ

କହିଛନ୍ତି ଉଭୟ ଦେଶ ଆତଙ୍କବାଦ ବିରୋଧରେ ଲଢ଼େଇ କରିବା ଏବଂ ଦୂତାବାସସ୍ତରୀୟ ଆଲୋଚନା ନିମନ୍ତେ ଯୁଗ୍ମ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ ନେଇ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସ୍ଲୋଭାକିଆ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତାକୁ ସମର୍ଥନ କରିବ ବୋଲି ପ୍ରତିବଦ୍ଧତା ପ୍ରକାଶ କରିଛି । ସ୍ଲୋଭାକିଆ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଫ୍ରାନ୍ସ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ।

## ୟୁଏସ୍ଏ ବି-୫୨ ବମ୍ବର କ୍ରାସ୍

ଆମେରିକାର B-52 ବୋମାବର୍ଷୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସମସ୍ତ ୮ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି । ଗତ ରାତିରେ ଆମେରିକା ବିମାନ ଘାଟୀରୁ ଏହି ବୋମାବର୍ଷୀ ବିମାନ ଜରୁରୀକାଳୀନ କ୍ରୁ ସଦସ୍ୟମାନଙ୍କୁ ନେଇ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଆକାଶମାର୍ଗରୁ ଉତ୍ତୋଳନ କରାଯାଇଥିବା ଭିଡ଼ିଓରୁ ଏକ ରନ୍‌ୱେ ନିକଟରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି । ଦୁର୍ଘଟଣାର କାରଣ ଜଣାପଡି ନାହିଁ । B-52 ବୋମାବର୍ଷୀ ବିମାନର ଉଭୟ ପାରମ୍ପରିକ ଯୁଦ୍ଧାସ୍ତ୍ର ଓ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ରହିଛି ।

# ଏନ୍‌ଟିଏ-ଟେଲିଗ୍ରାମ ବ୍ୟାନ୍

ରାଷ୍ଟ୍ରୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା ନିଟ୍-ୟୁଜି ୨୦୨୬ ପୁନଃ ପରୀକ୍ଷା ପୂର୍ବରୁ କେନ୍ଦ୍ର ସରକାର ସାମାଜିକ ଗଣମାଧ୍ୟମ ଆପ୍ ଟେଲିଗ୍ରାମ ଉପରେ ଚଳିତମାସ ୨୨ ତାରିଖ ପର୍ଯ୍ୟନ୍ତ କଟକଣା ଜାରି କରିଛନ୍ତି । ସୂଚନାଯୋଗ୍ୟ ଚଳିତମାସ ୨୧ ତାରିଖରେ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ପୁନର୍ବାର ଅନୁଷ୍ଠିତ ହେବ । ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି । ଚଳିତମାସ ୩୦ତାରିଖ ପର୍ଯ୍ୟନ୍ତ କୌଣସି ମେସେଜ୍‌କୁ ଯେଭଳି ସଂଶୋଧନ କରାଯାଇ ନ ପାରିବ ସେ ନେଇ ପଦକ୍ଷେପ ନେବାକୁ ଟେଲିଗ୍ରାମକୁ ନିର୍ଦ୍ଦେଶ ଦିଆଯାଇଥିବା ଏନ୍‌ଟିଏ ପକ୍ଷରୁ କୁହାଯାଇଛି । ଏହି ବ୍ୟବସ୍ଥା ଥିବାରୁ ଗତ ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ରକୁ ସାମାଜିକ ଗଣମାଧ୍ୟମ ଟେଲିଗ୍ରାମରେ ସଂଶୋଧନ କରାଯାଇ ପ୍ରଶ୍ନପତ୍ର ପ୍ରଘଟ କରାଯାଇଥିବା ପ୍ରଚାର କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଏହି ପଦକ୍ଷେପ ସ୍ୱଚ୍ଛ ଏବଂ ସୁରକ୍ଷିତ ପରୀକ୍ଷା ପରିଚାଳନା ଦିଗରେ ସହାୟକ ହେବ ବୋଲି ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ କହିଛି ।

## ଏନ୍‌ଟିଏ ନିଟ୍-ଆଡ୍‌ମିଟ୍

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପକ୍ଷରୁ ଆସନ୍ତା ୨୧ ତାରିଖରେ ହେବାକୁ ଥିବା ନିଟ୍-ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ନିମନ୍ତେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହୋଇଛି । ସୂଚନା ଅନୁଯାୟୀ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବାର ୨୪ଘଣ୍ଟା ମଧ୍ୟରେ ୧୦ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ଏହା ଡାଉନ୍‌ଲୋଡ୍ କରିଛନ୍ତି । ପରୀକ୍ଷାର୍ଥୀମାନେ ଯେଭଳି ସହଜରେ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ କରିପାରିବେ ସେ ନେଇ ସର୍ଭର ଉପରେ ନଜର ରଖାଯାଇଥିବା କୁହାଯାଇଛି ।

## ବିର୍ଲା – ୟୁଥ୍ ପାର୍ଲ୍ୟାମେଣ୍ଟ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଗଣତାନ୍ତ୍ରିକ ପ୍ରକ୍ରିୟାରେ ନାଗରିକମାନଙ୍କ ବୃହତ୍ତର ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ବିକଶିତ ଭାରତ ଯୁବସଂସଦ ୨୦୨୬ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରେ ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନାବେଳେ ଶ୍ରୀ ବିର୍ଲା କହିଛନ୍ତି ଭାରତ ବିଶ୍ୱର ବୃହତ୍ ଜନସଂଖ୍ୟା ବିଶିଷ୍ଟ ସାଂସ୍କୃତିକ ବିବିଧତା ଓ ଭୌଗୋଳିକ ସ୍ଥିତିସମ୍ପନ୍ନ ଦେଶ ହୋଇଥିବାବେଳେ ଭାରତ ସ୍ୱାଧୀନତା ପରେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଲଟିଛି । ଏଥିରେ ଲୋକମାନଙ୍କର ଯୋଗଦାନ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି । ଦେଶର ଭବିଷ୍ୟତକୁ ଆକାର ଦେବା ଏବଂ ବିକଶିତ ଭାରତର ଲକ୍ଷ୍ୟ ପୂରଣ ଦିଗରେ

ଗଣତନ୍ତ୍ରରେ ସକ୍ରିୟ ଓ ସମାବେଶୀ ଯୋଗଦାନ ଜରୁରୀ ବୋଲି ଶ୍ରୀ ବିର୍ଲା କହିଛନ୍ତି ।

**V/O (Birla)**

ଭାରତୀୟ ଗଣତନ୍ତ୍ର କେବଳ ଏକ ଶାସନ ବ୍ୟବସ୍ଥା ନୁହେଁ; ବରଂ ଦେଶର ଗଣତାନ୍ତ୍ରିକ ସଂସ୍କୃତିରେ ଜନସାଧାରଣଙ୍କ ପୂର୍ଣ୍ଣ ଯୋଗଦାନ । ନେତୃତ୍ୱ, କର୍ତ୍ତବ୍ୟ, ଚିନ୍ତନ ଓ ଜାତୀୟ ସ୍ୱାର୍ଥ ଭଳି ପ୍ରସଙ୍ଗ କ୍ଷେତ୍ରରେ ଆଲୋଚନା ପାଇଁ ଏହି ଯୁବ ସଂସଦ ଏକ ପ୍ରମୁଖ ମଞ୍ଚ ବୋଲି ଲୋକସଭା ବାଚସ୍ପତି କହିଛନ୍ତି ।

## ହକି

ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପ୍ରତିଯୋଗିତାରେ ଭାରତୀୟ ମହିଳା ହକି ଦଳ ସେମିଫାଇନାଲରେ ପ୍ରବେଶ କରିଛି । ପୁଲ୍-ଏର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ଜାପାନକୁ ପରାସ୍ତ କରିଛି । ଏହି ବିଜୟ ଫଳରେ ଭାରତ ପୁଲ୍-ଏରେ ୬ ପଏଣ୍ଟ ସହ ସେମିଫାଇନାଲରେ ପ୍ରବେଶ କରିଛି । ଆସନ୍ତା ଗୁରୁବାର ଦିନ ପୁଲ୍-ଏର ଶେଷ ମ୍ୟାଚ୍‌ରେ ଭାରତ ଏବଂ ଉରୁଗୁଏ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ସେହିଦିନ ଜାପାନ ଓ ଆମେରିକା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ ।

# କ୍ରିକେଟ୍ - ଟ୍ରାଇ ସିରିଜ୍

ଚଳିତ ତ୍ରିରାଷ୍ଟ୍ରୀୟ କ୍ରିକେଟ୍ ସିରିଜ୍‌ରେ ଇଣ୍ଡିଆ ଏ ଦଳରେ ପେସ୍ ବୋଲର ଅଶୋକ ଶର୍ମାଙ୍କୁ ସାମିଲ କରାଯାଇଛି । ଯୁଧବୀର ସିଂହ ଆହତ ହୋଇଥିବାରୁ ତାଙ୍କ ସ୍ଥାନରେ ଅଶୋକ ଶର୍ମାଙ୍କୁ ଦଳରେ ନିଆଯାଇଛି । ଯୁଧବୀର ଫିଲ୍‌ଡିଂ କରୁଥିବାବେଳେ ଡାହାଣପଟ କାନ୍ଧରେ ଯନ୍ତ୍ରଣା ଅନୁଭବ କରିଥିଲେ । ଡାକ୍ତରୀ ଟିମ୍ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି । ଏହି ତ୍ରିରାଷ୍ଟ୍ରୀୟ କ୍ରିକେଟ୍ ସିରିଜ୍‌ରେ ଇଣ୍ଡିଆ-ଏ ଦୁଇଟି ମ୍ୟାଚ୍‌ରେ ଆଫଗାନିସ୍ଥାନ-ଏ ଓ ଆୟୋଜକ ଶ୍ରୀଲଙ୍କା-ଏ ଠାରୁ ପରାସ୍ତ ହୋଇଥିବାବେଳେ ଆସନ୍ତାକାଲି ଆଫଗାନିସ୍ଥାନ-ଏ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ । ଶ୍ରୀଲଙ୍କାର ରଣଗିର ଦାମ୍ବୁଲା ଆନ୍ତର୍ଜାତିକ ଷ୍ଟାଡିୟମରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ଫୁଟବଲ

ଫିଫା ବିଶ୍ୱକପ୍ ୨୦୨୬ରେ ୪ଟି ମ୍ୟାଚ୍ ଅମୀମାଂସୀତ ରହିଛି । ୬୮ବର୍ଷ ପୂର୍ବେ ୧୯୫୮ ମସିହା ଜୁନ୍ ୧୫ ତାରିଖରେ ଏହିଭଳି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସ୍ପେନ୍ ଏବଂ ଆଟଲାଣ୍ଟା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ୍‌ବିହୀନ ହୋଇଥିବାବେଳେ ବେଲ୍‌ଜିୟମ ଏବଂ ଇଜିପ୍ଟ ମଧ୍ୟରେ

ମ୍ୟାଚ୍ ୧-୧ରେ ଶେଷ ହୋଇଥିଲା । ସେହିପରି ଉରୁଗୁଏ ଏବଂ ସାଉଦୀଆରବ ମଧ୍ୟରେ ୧-୧ ଓ ଇରାନ୍ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ୨-୨ରେ ଶେଷ ହୋଇଥିଲା ।